

# କଟକ ସିଟି

# ବାଉନ ବଜାର ତେପନ ଗଳି

# ଶଙ୍କରପୁର



"ଏଠାକାର ମାଟି କଥା କୁହେ, ପାଣି ଓ ପବନ'ରେ ଭରି ରହିଛି ହଜାର ବର୍ଷର ବାସ୍ନା । ଏଠି ସବୁ ହୃଦୟରେ ଦେଖିବାକୁ ମିଳେ 'ଭାଇଚାରା'ର ନିଆରା ନିଦର୍ଶନ । କିଏ, କେଉଁଠି, କାହିଁକି ଓ କେମିତି ଏ ସହରକୁ ଆସିଛି, ତାହା ଏଠି ବୁଝାଯାଏ ନାହିଁ । ଭାଇ'ଟିଏ ହୋଇ କାନ୍ଧ' ଦେଖାଏ ଏ ସହର । କେବେ ମା'ପରି ପଣତକାନିରେ ଲୁହ ପୋଛି ଦିଏ ତ ଆଉ କେତେବେଳେ ବାପା'ଟିଏ ହେଇ ଅନୁଶାସନର ନାଲି ଆଖି ଦେଖାଏ । ସାମ୍ପ୍ରତିକ ଅତ୍ୟାଧୁନିକ ସହରୀ ସଭ୍ୟତାର ଊର୍ଦ୍ଧ୍ୱକୁ ଯାଇ ଏ ସହର ଦେଖାଏ ଏକ ବିରାଟ୍ ଗାଁ'ର ଆତ୍ମୀୟତା... ଏବେ ରୂପାନ୍ତରଣ'ର ସ୍ପର୍ଶରେ ଝଲସୁଛି ରୌପ୍ୟନଗରୀ । ଏ ସହର ଛାତି ଉପରେ ଛିଡା ହୋଇ ଆକାଶ'କୁ ମୁଣ୍ଡ ଟେକିଲାଣି ନୂଆ ଏକ କଟକ । ଆଉ ନାହିଁ ସେ ଦିନର ସଂକୀର୍ଣ୍ଣ ରାସ୍ତା, ଦୁର୍ଗନ୍ଧ ପରିବେଶ, ଅଳିଆ ଓ ଆବର୍ଜନାମୟ ସଂଗୀନ ସ୍ଥିତି । ଏବେ ଚମକୁଛି ବାଉନ ବଜାର ତେପନ ଗଳି' । ଏଠାକାର ଗଳିକନ୍ଦିରେ ଲୁଚି ରହିଛି ହଜାର ବର୍ଷର ସାହିତ୍ୟ, କଳା, ସଂସ୍କୃତି, ଐତିହ୍ୟ ଓ ଇତିହାସ । କେଶରୀ ବଂଶର ରାଜା ନୃପ କେଶରୀଙ୍କ ଦ୍ୱାରା ୯୮୯ ଖ୍ରୀ.ଅରେ ପ୍ରତିଷ୍ଠା ହୋଇଥିବା ଏ ସହରର 'ବାଉନ ବଜାର ତେପନ ଗଳି' ପଛରେ ଥିବା କାହାଣୀ'କୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା..."

## ନାଁ ପଛର କାହାଣୀ

ଶଙ୍କରପୁର ନାଁ ପଛର ଇତିହାସ ସମ୍ପର୍କରେ ଯଦି ଜାଣିବା ଏହା ସମ୍ପର୍କରେ କିଛି ସ୍ପଷ୍ଟ ସୂଚନା ନ ଥିଲେ ମଧ୍ୟ ଲୋକକଥାରୁ ଶୁଣିବାକୁ ମିଳେ ଯେ, ଶଙ୍କରପୁର ଅଞ୍ଚଳରେ ପୂର୍ବରୁ ଏକାଧିକ ସ୍ଥାନରେ ଶଙ୍କର (ମହାଦେବ) ଭଗବାନ ପୂଜା ପାଉଥିଲେ । ଏହି କାରଣରୁ ସାହିର ନାଁ ଶଙ୍କରପୁର ରଖାଯାଇଛି । ବର୍ତ୍ତମାନ ମଧ୍ୟ ବାଦାମବାଡ଼ି ଶଙ୍କରପୁର ପୂଜା କମିଟି ପକ୍ଷରୁ ଶାରଦୀୟ ଦୁର୍ଗାପୂଜାରେ ମହାଦେବଙ୍କ ପ୍ରତିମୂର୍ତ୍ତି ପୂଜା ପାଇଥାଏ ।

## ପରିସୀମା

ଶଙ୍କରପୁର ଅଞ୍ଚଳ ଲିଙ୍କ ରୋଡ ଛକରୁ ଆରମ୍ଭ ହେଉଥିବା ବେଳେ ବାଦାମବାଡ଼ି ଛକ, ଦୋଳମୁଣ୍ଡାଇ ଛକ ହୋଇ ଛତ୍ରବଜାର ପୋଲଠୁ ନେଇ ତାଳଦଣ୍ଡା କେନାଲ କୂଳେ କୂଳେ ମଧୁପାଟଣା ଛକ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଛି । ଶଙ୍କରପୁର ଅଞ୍ଚଳ କଟକ ମ୍ୟୁନିସପାଲଟି କର୍ପୋରେସନର ୱାର୍ଡ ନଂ ୩୬, ୩୭ ଓ ୪୪ ମଧ୍ୟରେ ଯାଉଥିବା ବେଳେ ଏହା ବାଦାମବାଡ଼ି ଥାନା ପରିସୀମା ମଧ୍ୟରେ ଆସିଥାଏ । ସାହିର ଲୋକସଂଖ୍ୟା ୨୦ ହଜାରରୁ ଊର୍ଦ୍ଧ୍ୱ ଥିବା ଜଣାପଡ଼ିଛି ।



ସାହିରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଦିଗରେ ବାଦାମବାଡ଼ି- ଶଙ୍କରପୁର ପୂଜା କମିଟି ସବୁବେଳେ ଗୁରୁତ୍ୱ ଦେଇଥାଏ । ବାଦାମବାଡ଼ିକୁ କଟକର ପ୍ରବେଶ ପଥ କୁହାଯାଉଥିବାରୁ ଦଶହରାରେ କମିଟି ପକ୍ଷରୁ ପ୍ରତିବର୍ଷ ବାଦାମବାଡ଼ି ଛକ ଉପରେ ସୁଉଚ୍ଚ ତୋରଣ ନିର୍ମାଣ କରାଯାଇଥାଏ । ଯାହା ବେଶ ଆକର୍ଷଣୀୟ ହୋଇଥାଏ । ଏଥି ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭସାଣ ଶୋଭାଯାତ୍ରାରେ ମଧ୍ୟ ଶାନ୍ତିଶୃଙ୍ଖଳା ରକ୍ଷା କରାଯିବା ସହ ପୁଲିସ ପ୍ରଶାସନକୁ ସମ୍ପୂର୍ଣ୍ଣ ରୂପେ ସହଯୋଗ କରାଯାଇଥାଏ ।

କୃଷ୍ଣଚନ୍ଦ୍ର ପରିଡ଼ା, ଯୁଗ୍ମ ସମ୍ପାଦକ, ବାଦାମବାଡ଼ି- ଶଙ୍କରପୁର ପୂଜା କମିଟି



ମୋତେ ୭୪ ବର୍ଷ ହେଲାଣି, ଆମ ବେଳର ଶଙ୍କରପୁର ଆଉ ବର୍ତ୍ତମାନର ଶଙ୍କରପୁର ମଧ୍ୟରେ ଆକାଶ ପାତାଳ ଫରକ । ସେତେବେଳେ ଚାରିଆଡେ କେବଳ ଚାଷଜମି ରହିଥିଲା ଲୋକମାନେ ଚାଷ କରି ଚଳୁଥିଲେ । ଧିରେ ଧିରେ ଚାଷଜମିରେ ସବୁ ଘର ହୋଇଗଲା । ଆଉ ଲୋକମାନେ ଚାଷ ନ କରି ବେପାର ବଣିଜ କଲେ । ବର୍ତ୍ତମାନ ଶଙ୍କରପୁର ଅଞ୍ଚଳ ପୂରା ପରିବର୍ତ୍ତନ ହୋଇଗଲାଣି ।

ସୁରେଶ ଚନ୍ଦ୍ର ବାରିକ, ଶଙ୍କରପୁର ସାହି ଅଧିକାରୀ



ମୋତେ ୭୩ ଛୁଇଁଲାଣି । ସମୟ ସହ ତାଳ ଦେଇ ଶଙ୍କରପୁରର ନକ୍ସାରେ ମଧ୍ୟ ଅନେକ ପରିବର୍ତ୍ତନ ହୋଇଗଲାଣି । ସେହି ସମୟରେ ଥିବା ଅନେକ ବିଶିଷ୍ଟ ବ୍ୟକ୍ତିମାନେ ମୋ ଆଖି ଆଗରେ ଆରପାରିକୁ ଚାଲିଗଲେଣି । ମୋ କାର୍ଯ୍ୟକାଳ ସମୟରେ ସାହି ପାଇଁ ମୁଁ ଅନେକ ବିକାଶମୂଳକ କାର୍ଯ୍ୟ କରିଛି ।

ବାସନ୍ତୀ ପ୍ରଧାନ, ପୂର୍ବତନ କାଉନସିଲର



ଆଗରୁ ଆମ ସାହି ଅପରାଧୀଙ୍କ ପାଇଁ ପରିଚିତ ଥିଲା । ହେଲେ ଧିରେ ଧିରେ ବର୍ତ୍ତମାନର ଯୁବକମାନେ ଏହାର କୁପରିଣାମ ସମ୍ପର୍କରେ ଚେତିବା ପରେ ସେ ରାସ୍ତାରୁ ନିଜକୁ ଦୂରେଇ ରଖିବା ସହ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସକ୍ରିୟ ଭୂମିକା ଗ୍ରହଣ କରିଛନ୍ତି । ବନ୍ୟା, ବାତ୍ୟା, ରକ୍ତଦାନ ହେଉ କି କରୋନା ସବୁ ସମୟରେ ସାହିର ଉତ୍ସାହୀ ଯୁବକମାନେ ଏକଜୁଟ ହୋଇ ଅସହାୟ ନିରାଶ୍ରୟ ଲୋକଙ୍କୁ ସହଯୋଗ କରି ମାନବିକତା ଦେଖାଇଛନ୍ତି ।

ରାକେଶ ରାଉତ, ଯୁବ ସମାଜସେବୀ



ଶଙ୍କରପୁରର ବିକାଶ ପାଇଁ ମୋର ଅନେକ ସ୍ୱପ୍ନ ରହିଛି । ସାହିର ଅନେକ କାର୍ଯ୍ୟ ପାଇଁ କଟକ ମ୍ୟୁନିସପାଲଟି କର୍ତ୍ତୃପକ୍ଷଙ୍କୁ ମଧ୍ୟ ବିଭିନ୍ନ ସମୟରେ ଭେଟି ଦାବି ଜଣାଇଛି । ହେଲେ ବର୍ତ୍ତମାନ ସୁଦ୍ଧା ଅନେକ କାର୍ଯ୍ୟ ଅଟକି ରହିଛି । ଆଶା କରୁଛି ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ ହେବ । ଆଉ ଆମ ଶଙ୍କରପୁର ସରସ ସୁନ୍ଦର ହୋଇଉଠିବ ।

ଯତୀନ କୁମାର ବେହେରା, କର୍ପୋରେଟର ୩୭ ନଂ ୱାର୍ଡ



## ସାହିର ବିଶେଷତ୍ୱ

ମାଛ ଆମ୍ବିଳ ବିରି ବରା ଖାଦ୍ୟ ଶଙ୍କରପୁରକୁ ସାରା ରାଜ୍ୟରେ ପରିଚିତ କରାଇଛି । ସାହିର ଯେକୌଣସି କାର୍ଯ୍ୟ ହେଲେ ପ୍ରଥମେ ମାଛ ଆମ୍ବିଳ ବିରି ବରା ପ୍ରସ୍ତୁତ ହୋଇଥାଏ । ୧୯୬୦ ମସିହାରେ ମାଛ ଆମ୍ବିଳକୁ ପ୍ରଥମେ ସ୍ୱର୍ଗତ ସୁବର୍ଣ୍ଣ ବାରିକ ଓ ସ୍ୱର୍ଗତ ଦୈତାରୀ ବାରିକ ପ୍ରସ୍ତୁତ କରି ଲୋକଙ୍କୁ ଚଖାଇଥିଲେ । ପରେ ପରେ କାର୍ତ୍ତିକଚନ୍ଦ୍ର ବେହେରା ଏହି ଖାଦ୍ୟର ପ୍ରଚାର ପ୍ରସାର କରାଇଥିଲେ । ବର୍ତ୍ତମାନ ଏହି ଖାଦ୍ୟ ଶଙ୍କରପୁରର ଘରେ ପ୍ରସ୍ତୁତ ହେଉଥିବା ବେଳେ ଘରକୁ କୁଣିଆ ଆସିଲେ ପ୍ରଥମେ ମାଛ ଆମ୍ବିଳ ବିରି ବରାକୁ ନିଶ୍ଚୟ ଖୋଜିଥାଏ ।



ଶଙ୍କରପୁର - ବାଦାମବାଡ଼ି ପୂଜା କମିଟି କର୍ମକର୍ତ୍ତା





## ପର୍ବପର୍ବାଣୀ ଓ ଯାନିଯାତରା

ଶଙ୍କରପୁରରେ ୧୨ ମାସରେ ୧୩ ପର୍ବ ପାଳନ ଭଳି ସମସ୍ତ ପର୍ବ ପାଳିତ ହୋଇଥାଏ । ସାହିର ମୁଖ୍ୟ ପର୍ବ କହିଲେ ଗୋପୀନାଥଙ୍କ ଦୋଳପର୍ବକୁ ବୁଝାଇଥାଏ । ଶଙ୍କରପୁର ଅଞ୍ଚଳ ୨୨ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳିରେ ଯାଉଥିବା ବେଳେ ଦୋଳକୁ ୩୨ଟି ଠାକୁର ଆସିଥାନ୍ତି ଏହାକୁ ଦ୍ୱାଦଶୀ ମେଳଣ କୁହାଯାଇଥାଏ । ପରିଡ଼ା ସାହିରେ ହେଉଥିବା ପଞ୍ଚୁଦୋଳରେ ଷଣ୍ଢ ଲଢ଼େଇ, ବାଡ଼ି ଖେଳ, କାଳୀବେଶ ନୃତ୍ୟ ଓ କେଳାକେଲୁଣୀ ଖେଳ ମଧ୍ୟ ବେଶ ପ୍ରସିଦ୍ଧ । ଏଥି ସହ ସାହିରେ ରଥଯାତ୍ରା, ଦଶହରା, ମଙ୍ଗଳାଙ୍କ ପୂଜା, ଶିବବିବାହ, ଗଣେଶ ପୂଜା ଓ କାର୍ତ୍ତିକେଶ୍ୱରଙ୍କ ପୂଜା ମଧ୍ୟ ବଡ଼ ଧୂମଧାମରେ ପାଳିତ ହୋଇଥାଏ ।

## ସାହିରେ ଥିବା ପ୍ରମୁଖ ଧର୍ମାନୁଷ୍ଠାନ

ପରିଡ଼ା ସାହିର ପରମେଶ୍ୱର ମହାଦେବ ମନ୍ଦିର, ମା ବଜରବୁଢ଼ୀ ଠାକୁରାଣୀ, ପରମବୀର ହନୁମାନ ମନ୍ଦିର, ମଦନମୋହନ ମନ୍ଦିର, ଗୋପୀନାଥ ଜୀଉ ମନ୍ଦିର, ଡିହ ସାହି ଭାଗବତ ମନ୍ଦିର, ନୂଆସାହି ଭାଗବତ ମନ୍ଦିର, ତଳସାହି ଭାଗବତ ମନ୍ଦିର, ଉପରସାହି ଭାଗବତ ମନ୍ଦିର, ଗ୍ରାମଦେବୀ ମଙ୍ଗଳା ମନ୍ଦିର, ଜାଡୁଆ ମଙ୍ଗଳା ମନ୍ଦିର, ଡିହ ସାହି ମଙ୍ଗଳା ମନ୍ଦିର, ଆଖଣ୍ଡଳମଣି ମନ୍ଦିର, ଶନି ମନ୍ଦିର, ସମଲେଇ ମନ୍ଦିର, ଶ୍ୟାମସୁନ୍ଦର ମଠ, ଘୁଙ୍ଗା ମଠ, ରାମେଶ୍ୱର ମଠ ରହିଛି ।













## ଶଙ୍କରପୁରରେ ଥିବା ବିଭିନ୍ନ ସାହି

ପରିଡ଼ା ସାହି, ଉପର ସାହି, ତଳ ସାହି, ବାରିକ ସାହି, ନୂଆ ସାହି ଓ ଡ଼ିହ ସାହି ଭଳି ଛଅଟି ସାହିକୁ ନେଇ ଶଙ୍କରପୁର ଅଞ୍ଚଳ ଗଠିତ ।

## ଖାଦ୍ୟ ଦେଇଛି ପରିଚୟ

ଯୋଗୀ ସାହୁଙ୍କ ଫେଣି, ଲବଙ୍ଗଲତା ଅନ୍ୟାନ୍ୟ ମିଠା ବେଶ ପ୍ରସିଦ୍ଧ ଥିଲା । ବିତିଆ ସାହୁ, କାଳନ୍ଦୀ ସାହୁ, ରାମ ସାହୁ, ଧୂଳିଆ ସାହୁ ଓ ଫଗୁଆ ସାହୁଙ୍କ ଜଳଖିଆ ଓ ବିଭିନ୍ନ ମିଠା ମଧ୍ୟ ସାହିର ସ୍ୱତନ୍ତ୍ର ପରିଚୟ ।

## ପ୍ରମୁଖ ଅନୁଷ୍ଠାନ ପ୍ରତିଷ୍ଠାନ

ଶଙ୍କରପୁର-ବାଦାମବାଡ଼ି ପୂଜା କମିଟି, ଛତ୍ରବଜାର କାର୍ତ୍ତିକେଶ୍ୱର ପୂଜା କମିଟି, ରାମଲୀଳା କମିଟି, ସଂକୀର୍ତ୍ତନ କମିଟି, ମା' ମଙ୍ଗଳା ପୂଜା କମିଟି, ପାଲାମଣ୍ଡପ ବାଦିପାଲା ଅନୁଷ୍ଠାନ ରହିଥିବା ବେଳେ ଛତ୍ରବଜାର ହାଇସ୍କୁଲ, ଡ଼ିହସାହି ୟୁପି ସ୍କୁଲ, ବିଶିନବାର ୟୁପି ସ୍କୁଲ, ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି । ସାହିରେ ନାକେଇପଡ଼ିଆ ଓ କଂସାରୀକୁଦ ନାମରେ ଦୁଇଟି ଶ୍ମଶାନ ମଧ୍ୟ ରହିଛି ।

## ବିଭିନ୍ନ କ୍ଲବ୍ ଓ ଯୁବକ ସଂଘ

ଶଙ୍କରପୁର ଯୁବକ ସଂଘ, ପରମେଶ୍ୱର କ୍ଲବ୍, ଉପର ସାହି କ୍ଲବ୍, ବାରିକ ସାହି କ୍ଲବ୍, ନୂଆ ସାହି କ୍ଲବ୍, ଡ଼ିହ ସାହି କ୍ଲବ୍, ରୟାଲ ବ୍ରଦର୍ସ ସାମାଜିକ ସଂଘ, ଜେବିସି କ୍ଲବ୍, ଷ୍ଟ୍ରାଇକର କ୍ଲବ୍, ହାପି କ୍ଲବ୍, ପରିଡ଼ା ସାହି ଯୁବକ ସଂଘ, ଉପର ସାହି ଯୁବକ ସଂଘ, ବାରିକ ସାହି-ତଳ ସାହି ଯୁବକ ସଂଘ, ନୂଆ ସାହି-ଡ଼ିହ ସାହି ଯୁବକ ସଂଘ ରହିଛି ।

## ସମସ୍ୟା

ବର୍ଷା ଦିନେ ସାହିରେ ପାଣି ଜମି ରହୁଥିବାର ଏହା ଅଞ୍ଚଳବାସୀ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଥାଏ । ପାଣି ନିଷ୍କାସନ ପାଇଁ ପର୍ଯ୍ୟାପ୍ତ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ସାହିରେ ପାଣି ଜମି ରହୁଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ।

## ବିଶିଷ୍ଟ ବ୍ୟକ୍ତିବିଶେଷ

ଦନେଇ ବାରିକ, କେଶବ ଚନ୍ଦ୍ର ବାରିକ, ଭଜନି ବାରିକ, ପ୍ରଭାକର ବାରିକ, ସୁରେଶ ଚନ୍ଦ୍ର ବାରିକ, ଗୋବିନ୍ଦ ଚନ୍ଦ୍ର ସ୍ୱାଇ, ଗୋଲଖ ଚନ୍ଦ୍ର ସ୍ୱାଇଁ, ଅଭିମନ୍ୟୁ ଖୁଣ୍ଟିଆ, ହରି ରାଉତ, ଗନ୍ଧର୍ବ ରାଉତ, ରବୀନ୍ଦ୍ରନାଥ ରାଉତ, କାଶୀନାଥ ସାହୁ, ରଣଜିତ ରାଉତ, ସନାତନ ରାଉତ, କସ୍ତୁରୀ ଚରଣ ରାଉତ, ଫକୀର ଚରଣ ରାଉତ, ବାବାଜୀ ଚରଣ ପରିଡ଼ା, ନଟବର ବାରିକ, ଧଡ଼ି ବାରିକ, ଜୟକୃଷ୍ଣ ବେହେରା, ଧୀରେନ୍ଦ୍ର ବେହେରା, ଶତୃଘ୍ନ ବାରିକ, ରାଜୁ ବେହେରା, ଲୋକନାଥ ବେହେରା, ଲକ୍ଷ୍ମୀଧର ଜେନା, ଫଗୁମଣି ଖୁଣ୍ଟିଆ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ନୀଳମଣି ଘୋଷ, ସୁବର୍ଣ୍ଣ ବାରିକ, ଗଣେଶ ରାଉତ, କେଶବ ରାଉତ, ଦେବେନ୍ଦ୍ର ଖୁଣ୍ଟିଆ, ବାସନ୍ତୀ ପ୍ରଧାନ, ଧର୍ମାନନ୍ଦ ପାତ୍ର, ସରସ୍ୱତୀ ବାରିକ, ସୁଷମା ରାଉତ, ଅଜୟ ବାରିକ, ଯତୀନ ବେହେରା, ମଧୁସ୍ମିତା ବାରିକ ।



## ପାଲାମଣ୍ଡପର ଐତିହ୍ୟ

ଶଙ୍କରପୁର ଅଞ୍ଚଳରେ ଥିବା ପାଲାମଣ୍ଡପର ମଧ୍ୟ ଅନେକ ଐତିହ୍ୟ ଓ ଇତିହାସ ରହିଛି । ୧୯୪୫ ମସିହାରୁ ପ୍ରତିବର୍ଷ କାର୍ତ୍ତିକ ମାସ ଅଷ୍ଟମୀରୁ ୭ ଦିନ ଧରି ଏଠାରେ ବାଦି ପାଲା ଅନୁଷ୍ଠିତ ହୋଇଥାଏ । ଏହି ମଣ୍ଡପରେ ପ୍ରତିବର୍ଷ ରାଜ୍ୟର ବିଭିନ୍ନ ପ୍ରସିଦ୍ଧ ପାଲାକାର ମାନେ ନିଜ ପାଲା ପରିବେଷଣ କରି ବେଶ ପ୍ରସିଦ୍ଧି ଲାଭ କରିଛନ୍ତି ।

## ପଥର ବୋଝେଇ ଟ୍ରକ୍ ଜବତ

**ଆଠଗଡ଼,୨।୨(ସମିସ):** ଆଠଗଡ଼ ତହସିଲ ଅନ୍ତର୍ଗତ ମେଘା ରାଜସ୍ୱ ସର୍କଲ ଅଧୀନସ୍ଥ ନଣ୍ଡାଇଲୋ ରାସ୍ତାରେ ତିନୋଟି ମାଙ୍କଡା ପଥର ବୋଝେଇ ଟ୍ରକ ଜବତ କରାଯାଇଛି। ଆଜି ଆଠଗଡ଼ ଅଞ୍ଚଳରୁ ମାଙ୍କଡ଼ା ପଥର ବୋଝେଇ ହୋଇ ତିନୋଟି ଟ୍ରକ୍‌ରେ ଚୋରା ଚାଲାଣ ହେଉଥିବା ଖବର ପାଇ ମେଘା ରାଜସ୍ୱ ନିରୀକ୍ଷକ ସୁଚନ୍ଦ୍ର ମହାନ୍ତି, ଅତିରିକ୍ତ ତହସିଲଦାର ସମରେନ୍ଦ୍ର ଭଞ୍ଜ ସଦଳବଳେ ଚଢ଼ଉ କରିଥିଲେ। ଟ୍ରକ୍ ଗୁଡ଼ିକ କଟକ ଅଞ୍ଚଳକୁ ଯାଉଥିବା ବେଳେ ସେଥିରେ ଗୋଟିଏ ଆଇଚର ଟ୍ରକ୍ ମଧ୍ୟ ସାମିଲ ଥିଲା। ସେହି ଗାଡ଼ିଟି ଅଟକାଇବା ବେଳେ ଗାଡ଼ିର ଡ୍ରାଇଭର ତହସିଲ ଅଧିକାରୀଙ୍କୁ ଜୀବନରେ ମାରିଦେବାକୁ ଚେଷ୍ଟା କରିଥିବା ଅଭିଯୋଗ ହୋଇଛି।

## ଗ୍ରୀଲ ଭାଙ୍ଗି ଧାନ ଖାଇଲା ହାତୀ

**ଟାଙ୍ଗୀ,୨।୨(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ସଫା ପଞ୍ଚାୟତ ସୁଆଁରୀ ଗ୍ରାମରେ। ଗ୍ରାମର ଉମାକାନ୍ତ ବେହେରାଙ୍କ ଘର ଗ୍ରୀଲ ଭାଙ୍ଗି ଏକ ହାତୀ ଘର ଭିତରେ ପଶି ଧାନ ଖାଇବା ସହ ବହୁତ ଧାନ ନଷ୍ଟ କରିଛି ଏବଂ ଘରର ବହୁତ ଆସବାବପତ୍ର ନଷ୍ଟ କରିଛି। ଏ ବିଷୟରେ ବନ ବିଭାଗକୁ ଜଣାଇଥିଲେ ସୁଦ୍ଧା ବନ ବିଭାଗ ନିଦାବିଷ୍ଟ ସାଜିଛନ୍ତି। ତୁରନ୍ତ ବନ ବିଭାଗ ହାତୀକୁ ନେଇ ଅଭୟାରଣ୍ୟରେ ଛାଡ଼ିବା ସହ କ୍ଷତିଗ୍ରସ୍ତ ହୋଇଥିବା ଉମାକାନ୍ତଙ୍କୁ ଭରଣପୋଷଣ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବାଙ୍କୀ କଟକ ରାସ୍ତାରେ ହାତୀ ପଲ

**ବାଙ୍କୀ,୨।୨(ସମିସ):** ବାଙ୍କୀ-କଟକ ମୁଖ୍ୟ ରାସ୍ତା ଭଗିପୁର ଠାରେ ଗତକାଲି ରାତି ୧୦ଟା ସମୟରେ ହାତୀପଲ ରାସ୍ତା ଅବରୋଧ କରିଥିଲେ। ଏହା ଫଳରେ ଦୀର୍ଘ ସମୟ ଧରି ରାସ୍ତାର ଦୁଇପଟେ ଗାଡ଼ି ଓ ସାଧାରଣ ଜନତା ଅଟକି ରହିଥିଲେ। ଏ ସମ୍ପର୍କରେ ଭଗିପୁର ଫରେଷ୍ଟ ଅଧିକାରୀ ଅନାମ ହେମ୍ବ୍ରମଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ ୪ଟି ହାତୀ ଆସିଥିଲେ। ହାତୀମାନେ କାହାର କୌଣସି କ୍ଷତି କରି ନ ଥିବା ପ୍ରକାଶ କରିଛନ୍ତି।

## ରାସ୍ତା ପ୍ରଶସ୍ତୀକରଣ ଉଦ୍‌ଘାଟନ ଉତ୍ସବ



**ବାଙ୍କୀ,୨।୨(ସମିସ):** ଡମପଡ଼ା ବ୍ଲକ ଅନ୍ତର୍ଗତ ଜାତମୁଣ୍ଡିଆ ଠାରୁ ଭାୟା ଡମପଡ଼ା ଦେଇ ତାଳବସ୍ତ ପଞ୍ଚାୟତ ସାମନ୍ତରାପୁର ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣର ଉଦ୍‌ଘାଟନ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଦୁଲଣାପୁର ପଞ୍ଚାୟତର ଅରପୁର ଠାରେ ଉଦ୍‌ଘାଟନ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଆୟୋଜନ ଉତ୍ସବରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ଡମପଡ଼ା ବ୍ଲକ ବିଜେଡି ସଭାପତି ଭାଗିରଥି ପାଣି, ୩୮ ନଂ ଜିଲ୍ଲା ପରିଷଦ ସଭ୍ୟ ଆଶିଷ ସାହୁ, ୩୭ ନଂ ଜୋନ୍ ଜିଲ୍ଲାପରିଷଦ ସଦସ୍ୟ ଅଧକ୍ଷା ମିନତୀ ମହାପାତ୍ର, ବ୍ଲକ ଅଧକ୍ଷ ପ୍ରଣବି କିଶୋର ପଟେଲ୍, ବ୍ଲକ ଉପାଧକ୍ଷା ଗୀତାଞ୍ଜଳି ବେଉରା, ବାଙ୍କୀ ସମବାୟ ବ୍ୟାଙ୍କ ସଭାପତି ସୁବାଷ ଚନ୍ଦ୍ର ପାଢୀଙ୍କ ସମେତ ସମସ୍ତ ସରପଞ୍ଚ, ସମିତିସଭ୍ୟ ଯୋଗଦେଇଥିଲେ। ଏହି ରାସ୍ତା ଗ୍ରାମ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ କରାଯିବ। ଏହି ରାସ୍ତା କାର୍ଯ୍ୟ ପାଇଁ ୩୩କୋଟିରୁ ଉଦ୍ଧ୍ୱର୍ ବ୍ୟୟବରାଦ କରାଯାଇଥିବା ଜଣାପଡିଛି।

## ଆଦିବାସୀଙ୍କ ସହ ନାଚିଲେ ବିଧାୟକ



**ଟାଙ୍ଗୀ,୨।୨(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ଗରୁଡ଼ଗାଁ ପଞ୍ଚାୟତ ବିଶ୍ୱନାହାକାଣୀ ଆଦିବାସୀଙ୍କ ମାଘେ ପର୍ବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟାଙ୍ଗୀ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ସମାଜସେବୀ ସୁବୋଧ ସାମଲ, ସ୍ଥାନୀୟ ସରପଞ୍ଚ ଦିପ୍ତିମୟୀ ବେହେରା, ସମିତିସଭ୍ୟା ରିତାଞ୍ଜଳି ସାମଲ, ନାଏବ ସରପଞ୍ଚ ମାନସ ଭଗତ, ବିଜେଡି ସଂଗଠକ ସୁବାସ ବେଉରା, ରମେଶ ସାମଲ ପ୍ରମୁଖ ଯୋଗଦାନ କରି ଆଦିବାସୀଙ୍କ ଏକତା ନିମନ୍ତେ ପର୍ବପର୍ବାଣୀ ଏକ ମାଧ୍ୟମ ବୋଲି ଆଲୋକପାତ କରିଥିଲେ। ଏହି ଅବସରରେ ଆଦିବାସୀ ମହିଳା ଓ ପୁରୁଷଙ୍କ ସହ ଆଦିବାସୀ ପରମ୍ପରାରେ ବିଧାୟକ ନାଚିଥିଲେ।

# ସୁରକ୍ଷା ପ୍ରହସନ; ବଢୁଛି ସଡ଼କ ଦୁର୍ଘଟଣା

**ଆଠଗଡ଼,୨।୨(ସମିସ)**

ପ୍ରତିଦିନ ଅନେକ ଦୁର୍ଘଟଣା ଜନିତ ମୃତାହତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ବିପର୍ଯ୍ୟସ୍ତ ସଡ଼କ ସହିତ ବେପରୁଆ ଗାଡ଼ି ଚାଳନା ଅନେକ ସମୟରେ ଗୁରୁତର ଆହତ କିମ୍ବା ମୃତ୍ୟୁର କାରଣ ପାଲଟୁଛି। ବର୍ଷ ବର୍ଷ ଧରି ରାସ୍ତାରେ ନିର୍ମାଣ କାର୍ଯ୍ୟ ଚାଲୁରହିଛି। ଏମିତି ସମୟରେ ରାସ୍ତା ଉପରେ ଚାଲୁଥିବା ସାଧାରଣ ଜୀବନଯାତ୍ରା ଅସୁରକ୍ଷିତ ହୋଇ ପଡ଼ିଥିବା ବେଳେ ଆଠଗଡ଼ ଅଞ୍ଚଳର ଅଧିକାଂଶ ଗାଡ଼ି ଚାଳକଙ୍କ ପାଖରେ ଗାଡ଼ି ଚଳାଇବା ପାଇଁ ଉପଯୁକ୍ତ ଯୋଗ୍ୟତା ନ ଥିବା ଜଣାପଡିଛି। ଆଠଗଡ଼ ଦେଇ ପ୍ରତିଦିନ ଶହ ଶହ ଟ୍ରାକ୍ଟର, ଟ୍ରକ, ଟିପର, ହାଇୱାରେ ବାଲି, ମାଙ୍କଡ଼ା ପଥର, କଳା ମୁଗୁନି ପଥର, ମୋରମ ଆଦି ଚୋରାଚାଲାଣ ହେଉଥିବା ବେଳେ ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ଗାଡ଼ିର କାଗଜ ପତ୍ର ନ ଥିବା ଜଣାପଡିଛି। ଅନ୍ୟ ପକ୍ଷରେ ସେହି ଗାଡ଼ି ଚଳାଉଥିବା ଅଧିକାଂଶ ଡ୍ରାଇଭରଙ୍କର ଡ୍ରାଇଭିଂ ଲାଇସେନ୍ସ ମଧ୍ୟ ନାହିଁ। ଟ୍ରାକ୍ଟର ଗୁଡ଼ିକ ଚଳାଉଥିବା ଡ୍ରାଇଭର ଅଧିକାଂଶ ନାବାଳକ। ସେ ଗୁଡ଼ିକ ସବୁ ତନଖି କରିବା ପାଇଁ କେହି ନାହାନ୍ତି। ସଡ଼କ ପରିବହନ ବିଭାଗ ପକ୍ଷରୁ ଆଠଗଡ଼ରେ କେବଳ ହେଲମେଟ ତନଖି କରି

**କର୍ମଚାରୀ ଅଭାବ ଆଳ ଦେଖାଉଛନ୍ତି ଅଧିକାରୀ**

ଜରିମାନା ଆଦାୟ କରି କାମ ସାରି ଦେଉଛନ୍ତି। ଗତ କିଛିଦିନ ତଳେ ଆଠଗଡ଼ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ଆଠଗଡ଼ରେ ଏକ ଆରଟିଓ କାର୍ଯ୍ୟାଳୟ ଖୋଲିବା ପାଇଁ ଦାବି କରାଯାଇଥିଲା। ଖୁବ୍‌ଶୀଘ୍ର ସରକାର ଏ ସମ୍ପର୍କରେ ଘୋଷଣା କରିବେ ବୋଲି ସେତେବେଳେ ସୋସିଆଲ ମିଡିଆରେ ପ୍ରଚାର ମଧ୍ୟ କରାଯାଇଥିଲା। ମାତ୍ର ଏଯାବତ୍ କୌଣସି ନିଷ୍ପତ୍ତି ନିଆଯାଇ ନ ଥିବା ଯୋଗୁଁ କଟକ ଆରଟିଓ କାର୍ଯ୍ୟାଳୟର କର୍ମଚାରୀମାନେ କେବଳ ସହର ମଧ୍ୟରେ ସୀମିତ ରହି ସେମାନଙ୍କ କାମ କରୁଥିବାରୁ ଆଠଗଡ଼ ଉପଖଣ୍ଡରେ ଦୁର୍ଘଟଣା ବୃଦ୍ଧି ସାଙ୍ଗକୁ ମଦୁଆ ଏବଂ ବେଆଇନ ଗାଡ଼ି ଚାଳକଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଛି। ଏ ବାବଦରେ କଟକ ଆରଟିଓ କାର୍ଯ୍ୟାଳୟର ଜନୈକ ଅଧିକାରୀ କର୍ମଚାରୀ ଅଭାବରୁ ଗ୍ରାମାଞ୍ଚଳରେ ତଦାରଖ କରିବା ସମ୍ଭବ ନୁହେଁ ବୋଲି କହିଛନ୍ତି। ସ୍ଥାନୀୟ ପୁଲିସକୁ ତଦାରଖ କରିବା ପାଇଁ କ୍ଷମତା ଦିଆଯାଇଛି ବୋଲି ପରିବହନ ବିଭାଗ କହୁଥିବା ବେଳେ ପୁଲିସ ମଧ୍ୟ ଏ ବାବଦରେ ସେମିତି କିଛି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁ ନାହିଁ। ଏଭଳି ସ୍ଥିତିରେ ସରକାର ତୁରନ୍ତ ଆଠଗଡ଼ରେ ଗୋଟିଏ ଆରଟିଓ କାର୍ଯ୍ୟାଳୟ ସହିତ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରି ଅମାନିଆ ଗାଡ଼ି ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ବାଙ୍କୀ କଲେଜ ରୋଭର ପୁରସ୍କୃତ



**ବାଙ୍କୀ,୨।୨(ସମିସ):** ବାଙ୍କୀ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ୟାରେଡରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରୋଭର ସଂସ୍ଥା ପ୍ୟାରେଡ୍‌ରେ ଅଂଶଗ୍ରହଣ କରି ଶ୍ରେଷ୍ଠ ସିଭିଲିଆନ୍ ପୁରସ୍କାର ସହ ଟ୍ରଫି ଉପଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତିଙ୍କ ଠାରୁ ଗ୍ରହଣ କରିଛନ୍ତି। ଏହି ସଫଳତା ପାଇଁ ଅଧକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା, ଉପାଧକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର ଓ ରୋଭର ଲିଡର ଭୂପତି ଭୂଷଣ ପ୍ରଧାନ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଶ୍ରୀକଇଁଫୁଲ ବାବାଙ୍କ ଆଗମନ ଦିବସ



**ବାଙ୍କୀ,୨।୨(ସମିସ):** ବାଙ୍କୀ ବ୍ଲକ୍ ଅନ୍ତର୍ଗତ ବୈଦ୍ୟେଶ୍ୱର ଗ୍ରାମସ୍ଥ କଇଁଫୁଲ ମଠରେ ପୂଜ୍ୟ ଶ୍ରୀ କଇଁଫୁଲ ବାବାଙ୍କ ୮୮ତମ ଶୁଭ ଆଗମନ ଦିବସ ପାଳିତ ହେବା ସହ ଭାଗବତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଇଁଫୁଲ ମଠର ମଠାଧିଶ ନିଧିବାବାଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମରେ ବାଙ୍କୀର କୁରୁମପଡ଼ା, ସାତଖଣ୍ଡ, ସାମପୁର, କରବର ଆଦି ବହୁ ଗ୍ରାମର ଭାଗବତ ମଣ୍ଡଳୀ ଯୋଗଦାନ କରି ଭାଗବତ ନାମ କୀର୍ତ୍ତନ କରିଥିଲେ। ସୂଚନା ଯୋଗ୍ୟଯେ ଶ୍ରୀ କଇଁଫୁଲ ବାବା ୧୯୩୬ମସିହା ମାଘ ମାସ ପ୍ରଥମ ଗୁରୁବାର ଦିନ ବୈଦ୍ୟେଶ୍ୱର ଗ୍ରାମକୁ ଆସିଥିଲେ ଓ ସେଠାରେ ୧୨ ଜଣ ଭକ୍ତଙ୍କୁ ନେଇ ଭାଗବତ ମଣ୍ଡଳୀ ଗଢିଥିଲେ। ଏହି ପରିପ୍ରେକ୍ଷୀରେ ତାଙ୍କର ଆଗମନ ଅବସରରେ ବୈଦ୍ୟେଶ୍ୱର ମଝି ସାହି ବାବାଙ୍କ ବୈଠକ ସ୍ଥାନ ଓ କଇଁଫୁଲ ମଠରେ ସାଧୁସନ୍ଥ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମଠର ପରିଚାଳନା କମିଟି ସଭାପତି ଧ୍ରୁବ ଚରଣ ସାହୁ, ନକୁଳ ବେହେରା, ଉଷାରାଣୀ ବେହେରା, ପ୍ରମିଳା ଖଟୁଆ, ରମେଶଚନ୍ଦ୍ର ସେନାପତି ଓ କୋକିଳ ବେହେରା ପ୍ରମୁଖଙ୍କ ସହଯୋଗରେ ଭାଗବତ ମେଳା ଅନୁଷ୍ଠିତ ହୋଇଥିଲା। ନିଖିଳ ଉତ୍କଳ ଭାଗବତ ପ୍ରଚାର ସେବା ସମିତିର ଉପଦେଷ୍ଟା ପ୍ରାଧ୍ୟାପକ ମନୋଜ ମହାପାତ୍ର ଓ ସଂପାଦକ କମଳାକାନ୍ତ ପ୍ରହରାଜ ସହାୟତା କରିଥିଲେ।

## ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ମାହାଙ୍ଗା,୨।୨(ସମିସ):** ମାହାଙ୍ଗା ବ୍ଲକ ହଳଦିଆ ପଞ୍ଚାୟତ ସ୍ଥିତ ଇଟାମୁଣ୍ଡଳୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ କ୍ରୀଡ଼ା ଉତ୍ସବରେ ମୁଖ୍ୟଅତିଥି ଭାବେ ପଣ୍ଡିତ କରୁଣାକର ମିଶ୍ର, ସମ୍ମାନିତ ଅତିଥି ଭାବେ ସୁରେନ୍ଦ୍ର ନାଥ ଶତପଥୀ ଯୋଗଦେଇଥିଲେ। ସିଆରସିସି ମନୋଜ ଦାସ ସଭା ପରିଚାଳନା କରିଥିବା ବେଳେ ସମାଜସେବୀ ଜ୍ଞାନେନ୍ଦ୍ର ସାହୁ, ଚୌଧୁରୀ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ତାରା ପ୍ରସନ୍ନ ମହାପାତ୍ର, ଶରତ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତ କୃତି ଛାତ୍ରଛାତୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀପ୍ରିୟା ରାଉତ, ସାବିତ୍ରୀ ଲେଙ୍କା, ଦିବାକର ବେହେରା,



ତ୍ରିଲୋଚନ ଜେନା, ବିଚିତ୍ର ବେହେରା ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।

## ଶିଶୁ ଯତ୍ନ କେନ୍ଦ୍ରରେ ଚାରାରୋପଣ

**ବାଙ୍କୀ,୨।୨(ସମିସ):** ଡମପଡ଼ା ବ୍ଲକ ପାଟପୁରସ୍ଥ ଲୋକନାୟକ କ୍ଲବ ପରିସରରେ ଥିବା ଶିଶୁଯତ୍ନ କେନ୍ଦ୍ରରେ ଆଜି ଚାରାରୋପଣ କାର୍ଯ୍ୟକ୍ରମ ହୋଇଯାଇଛି। ବିରଞ୍ଚି ଦାସଙ୍କ ତତ୍ତ୍ୱବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସଂଘର ସଂପାଦକ ସମାଜସେବୀ କୃତିବାସ ପଣ୍ଡା, ଶିକ୍ଷାବିତ୍ ନୀଳମାଧବ ମିଶ୍ର, ଶିଶୁଯତ୍ନ କେନ୍ଦ୍ରର ଅଧକ୍ଷ ଶ୍ରୀରାମ ପ୍ରତୀକ, ଶିଶୁ ମଙ୍ଗଳ ଅଧିକାରୀ ଗାୟତ୍ରୀ ମହାପାତ୍ର, ସୁରେଶ ଚନ୍ଦ୍ର ଦାଶ, ଦେବଶ୍ରୀ ପଣ୍ଡା, ବିନୋଦିନୀ ମହାନ୍ତି, ତୁଷାର ରଞ୍ଜନ ପିରୋଇ ପ୍ରମୁଖ ଯୋଗଦାନ କରି ଚାରାରୋପଣର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ।



## ଦୁର୍ଘଟଣାରେ ଯୁବକ ମୃତ

**କଣ୍ଟାପଡା,୨।୨(ସମିସ):** ଫୁଲନଖରା ନିଆଳି ୭୦ନଂ ରାଜ୍ୟ ରାଜପଥ କଣ୍ଟାପଡା ବଜାର ନିକଟରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ଫଳରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ ବାଲିପାଟଣା ଥାନା ବୋଦିଖଣ୍ଡି ମେଳକ ଗ୍ରାମର ପିଙ୍କୁ ନାୟକ(୨୫)ତାଙ୍କ ବଡ ଭାଇଙ୍କ ସହିତ ଅଡଶପୁରରୁ କାମସାରି ଘରକୁ ଫେରୁଥିବା ବେଳେ କଣ୍ଟାପଡା ବଜାର ପୂର୍ବରୁ ନିଆଳି ଅଭିମୁଖେ ଆସୁଥିବା ଅନ୍ୟ ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ପିଙ୍କୁ ଓ ଆହତଙ୍କୁ ସ୍ଥାନୀୟ ଅଡଶପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ପିଙ୍କୁକୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ମୃତକଙ୍କ ମାମୁ ଆଶୋକ କୁମାର ସ୍ୱାଇଁ ଓଲଟପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଓଲଟପୁର ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ବାଇକକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

## ଆର୍‌ଆଇ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର

**ତିଗିରିଆ,୨।୨(ସମିସ):** ତିଗିରିଆ ତହସିଲ ଅନ୍ତର୍ଗତ ନୂଆପାଟଣା ଠାରେ ନୂଆପାଟଣା ରାଜସ୍ୱ ନୀରିକ୍ଷକଙ୍କ ସ୍ଥାୟୀ କାର୍ଯ୍ୟାଳୟ ଓ ବାସସ୍ଥାନ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ତିଗିରିଆ ତହସିଲଦାର ତଥା ଏକ୍‌ଜ୍ୟୁକ୍ୟୁଟିଭ ମାଜିଷ୍ଟ୍ରେଟ ଅକ୍ଷୟ କୁମାର ପରିଡା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଯୋଗଦେଇ ନିର୍ମାଣ ହେବାକୁ ଥିବା ଆରଆଇଙ୍କ କାର୍ଯ୍ୟାଳୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।



ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧକ୍ଷ ମାନସ ସାହୁ, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟା ସସ୍ମିତା ରାଉତ, ନୂଆପାଟଣା ପଞ୍ଚାୟତ ସରପଞ୍ଚ ସୋମନାଥ ଦାସ, ଯୁବନେତା ମହେନ୍ଦ୍ର କୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ନୂଆପାଟଣା ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟ ଓ ବାସସ୍ଥାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୪୮ ଲକ୍ଷ ଟଙ୍କାର ବ୍ୟବବରାଦ ହୋଇଛି ଏବଂ ଅନୁମୋଦିତ ଅର୍ଥରେ ଆସନ୍ତା ୩ ମାସ ମଧ୍ୟରେ ନୂଆପାଟଣା ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟ ଓ ବାସସ୍ଥାନ ଗୃହ ନିର୍ମାଣ ଶେଷ ହେବ।

## ପ୍ରାଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




**କଟକ,୨।୨(ସମିସ):** କଟକ ସଦର ବ୍ଲକ୍ ଅନ୍ତର୍ଗତ କନ୍ଦରପୁର ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡ଼ ଅଲେଖ ଚନ୍ଦ୍ର ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମହାବିଦ୍ୟାଳୟର ସଭାଗୃହରେ ଅଧକ୍ଷା ପ୍ରାଧ୍ୟାପିକା ପ୍ରଣତୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ସ୍ମିତା ମହାନ୍ତି, ରାଜନୀତି ବିଜ୍ଞାନର ଅଧ୍ୟାପିକା ଡ. ନମିତା ପଟ୍ଟନାୟକ ପ୍ରମୁଖ ଡ. ସାହୁଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ତାଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିବା ସହ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡ. ଅମିୟ ରଞ୍ଜନ ନାୟକ, ଅଧ୍ୟାପକ ସଂଗ୍ରାମ କେଶରୀ ଜଗଦ୍ଦେବ, ଅଧ୍ୟାପିକା ଦେବାଶ୍ରିତା ଦାଶ, ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାସ, ଅଧ୍ୟାପକ ଭବାନୀ ଶଙ୍କର ଜେନା, ଅଧ୍ୟାପକ ଏସ. ଚକ୍ରବର୍ତ୍ତୀ, ଅଦୈତ ସ୍ୱାଇଁ, ପ୍ରଦୀପ୍ତ ବିଶ୍ୱାଳ, କର୍ମଚାରୀ ଜିତେନ୍ଦ୍ର ସାହୁ, ସଞ୍ଜୟ ସାହୁ, ଶ୍ରୀକାନ୍ତ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ବାଙ୍କୀ,୨।୨(ସମିସ):** ବାଙ୍କୀ କଲେଜର ପଦାର୍ଥ ବିଜ୍ଞାନ ବିଭାଗର କର୍ମଚାରୀ ନଗେନ୍ଦ୍ର ପଣ୍ଡାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ତାଙ୍କ ବାସଭବନରେ ପ୍ରଦାନ କରାଯାଇଛି। ଶ୍ରୀ ପଣ୍ଡା ଅସୁସ୍ଥ ଥିବାରୁ ତାଙ୍କ ବାସଭବନରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା, ଉପାଧକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର, ପ୍ରାଧ୍ୟାପକ ରାଜକିଶୋର ପାଲ, ପ୍ରାଧ୍ୟାପକ ତ୍ରୈଲୋକ୍ୟନାଥ ଦାସ, ଅଧ୍ୟାପକ ଯୁଗୋଳ କିଶୋର ମଣ୍ଡଳ, ଡକ୍ଟର ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ଅଧ୍ୟାପକ ଯୋଗୀନାଥ ମଲ୍ଲିକ ପ୍ରମୁଖ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ।

### ତିଗିରିଆ ବ୍ଲକରେ ବୁଣାକାର ଓ କୃଷକ ସମାବେଶ

# ୪୫୧ ବୁଣାକାରଙ୍କୁ ମିଳିଲା ଇନଭର୍ଟର

**ତିଗିରିଆ,୨।୨(ସମିସ)**



ମସଲା ଚାଷକୁ ସ୍ୱତନ୍ତ୍ର ପ୍ରୋତ୍ସାହନ ତଥା ଚାଷୀମାନଙ୍କ ଆର୍ଥିକ ମେରୁଦଣ୍ଡକୁ ଟାଣ କରିବା ତଥା ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନା ମାଧ୍ୟମରେ ବୁଣାକାରମାନଙ୍କୁ ସରକାରୀ ସହାୟତା ବଣ୍ଟନ ପରିପ୍ରେକ୍ଷୀରେ ଶୁକ୍ରବାର ତିଗିରିଆ ବ୍ଲକ ସଦର ମହକୁମା ନିଜିଗଡ ଗାନ୍ଧୀସ୍ମୃତି ପଡିଆ ପରିସରରେ ଏକ ବିଶାଳ ବୁଣାକାର ଓ କୃଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ତିଗିରିଆ ବ୍ଲକର ସମୁଦାୟ ୧୪ଟି ପଞ୍ଚାୟତରେ ମସଲା ଜାତୀୟ ଫସଲ ଚାଷ ପାଇଁ ଆଗ୍ରହୀ ଥିବା ୬୩୫ ଜଣ କୃଷକ ଓ ୪୫୧ ଜଣ ବୁଣାକାରଙ୍କ ଇନ୍‌ଭର୍ଟର ପ୍ରଦାନ କରାଯାଇଛି। ତିଗିରିଆ ବ୍ଲକ ଆମ୍ବା ଅଧକ୍ଷ ହରେନ୍ଦ୍ର ଦଳେଇଙ୍କ ପୌରହିତ୍ୟରେ ଆୟୋଜିତ ଏହି ସମାବେଶରେ ମୁଖ୍ୟଅତିଥି ରୂପେ ଆଠଗଡ-ତିଗିରିଆ ବିଧାୟକ ତଥା ରାଜ୍ୟ କୃଷି କୃଷକ ସଶକ୍ତିକରଣ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଉପସ୍ଥିତ ବୁଣାକାର ଓ କୃଷକମାନଙ୍କୁ ସମ୍ବୋଧନ କରିବା ସହ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା କୃଷକ ତଥା ବୁଣାକାରମାନଙ୍କୁ ସରକାରୀ ସହାୟତା ଓ ବିହନ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କୃଷି ଅଧିକାରୀ ସନାତନ ବେହେରା, ଅତିରିକ୍ତ କୃଷି ଅଧିକାରୀ ଦେବୀପ୍ରସାଦ ପୃଷ୍ଟି, ଉଦ୍ୟାନ କୃଷି ଅତିରିକ୍ତ ଅଧିକାରୀ ଜ୍ଞାନ ରଞ୍ଜନ ଦାସ, ଆଠଗଡ ବୟନ ଶିଳ୍ପ ସୁପରଭାଇଜର ଦାମୋଦର ବେହେରା, ବ୍ଲକ ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧକ୍ଷ ମାନସ ସାହୁ, ସେରିଫେଡର ଅଧକ୍ଷ ଭାଗିରଥି ନନ୍ଦ, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲୀକ, ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟା ସସ୍ମିତା ରାଉତ, କୃଷକ ନେତା ଗୌରହରୀ ପରିଡା, ବ୍ଲକ ଅତିରିକ୍ତ ମତ୍ସ୍ୟ ଅଧିକାରୀ ମଧୁସ୍ମିତା ସାହୁ, ଆଠଗଡ ଜିଲ୍ଲା ଉଦ୍ୟାନ ବିଭାଗ ଅଧିକାରୀ ଧନଞ୍ଜୟ ରାଉତ ପ୍ରମୁଖ ଯୋଗଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ୩୦୮ ଜଣ ଚାଷୀଙ୍କୁ ଧନିଆ ୩୨୭ ଜଣ ଚାଷୀଙ୍କୁ ଲଙ୍କା ବିହନ ବଣ୍ଟନ କରିବା ସହ ୪୫୧ ଜଣ ବୁଣାକାରଙ୍କୁ ମୁଖ୍ୟମନ୍ତ୍ରୀ ବୟନ ଶିଳ୍ପ ଯୋଜନା ମାଧ୍ୟମରେ ଇନଭର୍ଟର ବଣ୍ଟନ କରିଥିଲେ।

**୬୩୫ ଚାଷୀଙ୍କୁ ମସଲା ବିହନ ବଣ୍ଟନ**

## କଟରପଡ଼ା ବିଦ୍ୟାଳୟ ସମୂହର ବାର୍ଷିକ ଉତ୍ସବ

**ନିଶ୍ଚିନ୍ତକୋଇଲି,୨।୨(ସମିସ):** କଟରପଡ଼ା ପଞ୍ଚାୟତର ବିଶିଷ୍ଟ ସମାଜସେବୀ କ୍ଷେତ୍ରମୋହନ ସ୍ୱାଇଁଙ୍କ ଜୟନ୍ତୀ ଅବସରରେ ତାଙ୍କ ନାମରେ ନାମିତ କ୍ଷେତ୍ରମୋହନ ବିଦ୍ୟାପୀଠ ଓ କଟରପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମୂହର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଏଥିôରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ସଭ୍ୟା ଜସ୍ମିତା ସେଠୀ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ସରପଞ୍ଚ ରାକେଶ ସାମଲ, ସମ୍ମାନୀତ ଅତିଥିଭାବେ ସମିତିସଭ୍ୟା ସ୍ୱାଗତିକା ନାୟକ, ପ୍ରଧାନଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ପଣ୍ଡା, ଆଦର୍ଶ ଶିକ୍ଷକ ଜଗଦିଶ କର ପ୍ରମୁଖ ଯୋଗଦେଇଥିଲେ। ଏନସିସିର ପାଷ୍ଟ ଅଫିସର ମହେନ୍ଦ୍ର କୁମାର ଘଡ଼େଇ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ଶୁଭଶ୍ରୀ ଷଡଙ୍ଗୀ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଧରଣୀ ବେଉରା ଏଜୁକେସନାଲ ଟ୍ରଷ୍ଟ, ରାମଚନ୍ଦ୍ର ପୃଷ୍ଟି ମୋମୋରିଆଲ ଟ୍ରଷ୍ଟ, କାହ୍ନା ପ୍ରକାଶନୀ ତରଫରୁ ଗଜେନ୍ଦ୍ରନାଥ ନାୟକ ମାତୃଭାଷା ସମ୍ମାନ, ଜୟମାଳତୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବିଜ୍ଞାନ ଓ ଗଣିତ ପ୍ରଭା ସମ୍ମାନ ସହିତ ଉଭୟ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଉଦଯାପନୀ ଉତ୍ସବରେ ଶ୍ରୀ ସାହୁଙ୍କ ପୌରହିତ୍ୟରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ସାହିତ୍ୟିକ ଶାରଦା ପ୍ରସାଦ ମିଶ୍ର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବିଇଓ ତଥା ପ୍ରବଚକ ହରିହର ମହାପାତ୍ର, ସମ୍ମାନୀତ ଅତିଥିଭାବେ ପ୍ରାଧ୍ୟାପକ ସାହିତ୍ୟିକ ଡ. ଅଭୟ ରାଉତ, ଶିକ୍ଷାବିତ୍ ଅଲେଖ ଚନ୍ଦ୍ର ସାହୁ, ନବଘନ ବେହେରା, ଭାଗବତ ବେହେରା, ପବିତ୍ର ମହନ୍ତ, ରମାକାନ୍ତ ସାହୁ, ରବିନାରାୟଣ ସାହୁ, ରବୀନ୍ଦ୍ରନାଥ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ମମତା ପ୍ରିୟଦର୍ଶିନୀ ଲେଙ୍କା, ଧରାଶ୍ରୀ ଭଦ୍ର, ମାଳତୀ ସେଠୀ, ପ୍ରିୟବ୍ରତ ସାମଲ, ପ୍ରଶାନ୍ତ ସ୍ୱାଇଁ, ଶରତ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ। ଶିକ୍ଷକ ମନୋଜ ରଥ ଧନ୍ୟବାଦ ଅର୍ପଣ କରିଥିଲେ।



# ବିଭିନ୍ନ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

ବାଙ୍କୀ, ୨।୨(ସମିସ)

ବାଙ୍କୀ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମପଞ୍ଚାୟତ ସ୍ଥିତ ଖେଳ ପଡ଼ିଆରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି

## ● ଜଗନ୍ନାଥପୁର ପଞ୍ଚାୟତ

କାର୍ଯ୍ୟକ୍ରମକୁ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଉଦ୍‌ଘାଟନ କରିବା ସହିତ ଜନସାଧାରଣଙ୍କୁ ଆମ ଓଡ଼ିଶା ନବୀନ ଓଡ଼ିଶା ସଂପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ବାଙ୍କୀ ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ, ବାଙ୍କୀ ବିଜୁ ଜନତାଦଳର ସଭାପତି ଅନନ୍ତ ଚରଣ ଦାଶ, ୩୪ନଂ ଜିଲ୍ଲା ପରିଷଦ ସଦସ୍ୟା ରଶ୍ମିତା ସାହୁ, ସ୍ଥାନୀୟ ସରପଞ୍ଚ ପ୍ରଭୁ ପ୍ରସାଦ ବେହେରା, ସମିତିସଭ୍ୟ ପ୍ରଶାନ୍ତ ମହାନ୍ତି, ପୂର୍ବତନ ସରପଞ୍ଚ ବିପିନି ବିହାରୀ



ନନ୍ଦ, କୈଳାସ ଚନ୍ଦ୍ର ସାହୁ, ପୂର୍ବତନ ସମିତିସଭ୍ୟ ରମେଶ ପରିଡ଼ା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅକ୍ଷୟ ସାମଲ, ବାଙ୍କୀ ବ୍ଲକ ସହକାରୀ ଯନ୍ତ୍ରୀ ରୂପାନୀତା ସ୍ୱାଇଁ ଓ ଗ୍ରାମବାସୀମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଇଶାଣୀ ବରହମପୁର ପଞ୍ଚାୟତ

**ନିଶ୍ଚିନ୍ତକୋଇଲି :** ରାଜ୍ୟ ସରକାରଙ୍କର ଆମ ଓଡ଼ିଶା ନବୀନ ଓଡ଼ିଶାର ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଇଶାଣୀବରହମପୁର ପଞ୍ଚାୟତରେ ସରପଞ୍ଚ ସୁଶାନ୍ତ କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ପୂର୍ବତନ ଜିଲ୍ଲାପରିଷଦ ଅଚ୍ୟୁତାନନ୍ଦ ଦାସଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ସଦର ବିଧାୟକ ଚନ୍ଦ୍ର ସାରଥୀ ବେହେରା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ଯୁବ ବିଜେଡି ଉପସଭାପତି ଯାଜ୍ଞସେନୀ ଶ୍ରୀଚନ୍ଦନ ନାୟକ, ଯୁବ ସଭାପତି ଗୋପିନାଥ




ପଲେଇ, ସମିତିସଭ୍ୟ ବିଶ୍ୱେନ୍ଦୁ ମହାରଣା, କନିଷ୍ଠ ଯନ୍ତ୍ରୀ ଅନାମ ବିଶ୍ୱାଳ, ପିଇଓ ବିଜୟ ରାଉତ ଯୋଗଦେଇ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ବହୁ ସରକାରୀ କର୍ମଚାରୀ ସମ୍ବର୍ଦ୍ଧିତ କରାଯାଇଥିଲା ବେଳେ ବହୁ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାରେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା।

## ● ନିମେଇସାପୁର, ଗତିରାଉତପାଟଣା ଓ ଫକିରପଡ଼ା

**କଟକ :** କଟକ ସଦର ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ନୂଆ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହେଉଛି। ଏହି କ୍ରମରେ ସଦର ବ୍ଲକର ୫ନମ୍ବର ଜିଲ୍ଲା ପରିଷଦ ଜୋନ ଅନ୍ତର୍ଗତ ନିମେଇସାପୁର, ଗତିରାଉତପାଟଣା ଓ ଫକିରପଡ଼ା ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ନିମେଇସାପୁର ପଞ୍ଚାୟତରେ ସରପଞ୍ଚ



ଜ୍ୟୋତ୍ସ୍ନାରାଣୀ ରାଉତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମିତିସଭ୍ୟା ଉର୍ମିଳା ସାହୁ, ପୂର୍ବତନ ସରପଞ୍ଚ ତ୍ରିଲୋଚନ ସ୍ୱାଇଁ, ସମର ବେହେରା, ରଜନୀକାନ୍ତ ସାହୁ, ତାପସ ମହନ୍ତ, ବ୍ଲକ ପ୍ରଶାସନ ପକ୍ଷରୁ ସରିଚିତା ବିଶ୍ୱାଳ, ଅନୁରାଧା ମହାରଣା, ସରପଞ୍ଚ ପ୍ରତିନିଧି ପ୍ରାଣକୃଷ୍ଣ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗତିରାଉତପାଟଣା ପଞ୍ଚାୟତରେ ସରପଞ୍ଚ ସୋନାଲି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ପ୍ରଶାସନ ପକ୍ଷରୁ ବିପିଏମ ସୋନାଲି ପ୍ରିୟଦର୍ଶିନୀ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଶ୍ୱନାଥ ରାଉତ, ପଞ୍ଚାୟତ ପର୍ଯ୍ୟବେକ୍ଷକ ହିମାଂଶୁ ଦାସ, ନୋଡାଲ ଅଫିସର ନାଗେଶ୍ୱର ଦାସ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁକଦେବ ବେହେରା, ସଦର ବିକାଶ ମଞ୍ଚର ସଭାପତି ସୁବୋଧ ବେହେରା, ଅଶୋକ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଶେଷରେ ଫକିରପଡ଼ା ପଞ୍ଚାୟତରେ ସରପଞ୍ଚ ମିଲୀ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମିତିସଭ୍ୟ ସନ୍ତୋଷ ରାଉତ, ଯୁବନେତା ଧୀରେନ୍ଦ୍ର ସ୍ୱାଇଁ, ଜିଲ୍ଲା ବିଜେଡି ସମ୍ପାଦକ ଯତୀନ ରାଉଳ, କିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସବୁ ସଭାରେ କଟକ ସଦର ବିଧାୟକ ଚନ୍ଦ୍ର ସାରଥୀ ବେହେରାଙ୍କ ସହିତ ବେଣ୍ଟକାର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଶୁଭାଶିଷ ଶତପଥୀ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ସମର ବେହେରା, ରଜନୀକାନ୍ତ ସାହୁ, ପ୍ରମୋଦ ମହାପାତ୍ର, ବିଭୂତି ଭୂଷଣ ପରିଡ଼ା, ସାରଦା ପ୍ରସନ୍ନ ସ୍ୱାଇଁ, ନିରଞ୍ଜନ ବେହେରା, କାଲୁ ରଣା, କନ୍ଦରପୁର ସରପଞ୍ଚ ସୁଭାଷିନୀ ରାଉତ ପ୍ରମୁଖ ଯୋଗଦେଇଥିଲେ।

## ● ହଳଦିଆ ପଞ୍ଚାୟତ

**ମାହାଙ୍ଗା :** ମାହାଙ୍ଗାର ବିଧାୟକ ପ୍ରତାପ ଜେନାଙ୍କ ନିର୍ଦ୍ଦେଶକ୍ରମେ ହଳଦିଆ ପଞ୍ଚାୟତ ହଳଦିଆ ହାଟଠାରେ ଆମ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା ଯୋଗଦେଇ ନବୀନ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଉପରେ ଜନସାଧାରଣମାନଙ୍କୁ ଅବଗତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସରପଞ୍ଚ ରାଜେନ୍ଦ୍ର ସାହୁ, ଜିଲ୍ଲା ପରିଷଦ ସଭ୍ୟ ଜଗବନ୍ଧୁ ସେଠୀ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଯୁବ ସଂଗଠକ ଜ୍ଞାନେନ୍ଦ୍ର ସାହୁ, ନିରଞ୍ଜନ ପ୍ରଧାନ, ପିଇଓ ବିଜୟ ରାଉତ, ପଞ୍ଚାୟତ ବିଜେଡି ସଭାପତି ଜ୍ୟୋତିରଞ୍ଜନ ସାହୁ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ମୁଦୁଲି, ମାଧବାନନ୍ଦ ସାହୁ, ବିଷ୍ଣୁପ୍ରସାଦ ରଥ, ଶାନ୍ତନୁ ବାନା, ଶିବ ନାରାୟଣ ଓଝା, ଦେବେନ୍ଦ୍ର ମହାନ୍ତି, ସୁଧୀର ଶତପଥି, ମନୋଜ ମିଶ୍ର, ବାସୁଦେବ ବେହେରା, ମଦନ ଗିରି, ଜଗନ୍ନାଥ ସାହୁ, ଦେବେନ୍ଦ୍ର ସିଂହ, ସୁଧିର ସିଂହ, ସୁଧିର ରାଉତ, ନିରାକାର ପ୍ରଧାନ, କପିଳ ମହାନ୍ତି, ଶ୍ୟାମସୁନ୍ଦର ଖଟୁଆ, ଦୋଳଗୋବିନ୍ଦ ସାହୁ, ଅନନ୍ତ ପ୍ରଧାନ, ଦେବେନ୍ଦ୍ର ସାହୁ, ଅଯୋଧ୍ୟା ସାହୁ, ସୁଚିତ୍ରା ରାଉତ, ପ୍ରଭାତୀ ଓଝା, ଅପର୍ଣ୍ଣା ମହାନ୍ତି, ଅମର ସାହୁ, ଗଣେଶ୍ୱର ସାହୁ, ସଞ୍ଜୟ ମଲିକ, ବଇନ ସ୍ୱାଇଁଙ୍କ ସମେତ ବହୁ ବିଜେଡି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ● ଗୋତରା ଓ ନାହାଙ୍ଗ ପଞ୍ଚାୟତ

**ମାହାଙ୍ଗା :** ମାହାଙ୍ଗା ବିଧାୟକ ପ୍ରତାପ ଜେନା ପ୍ରଥମେ ମାହାଙ୍ଗା ବ୍ଲକ ଗୋତରା ପଞ୍ଚାୟତ ଗସ୍ତ କରି ପଞ୍ଚାୟତ କାର୍ଯ୍ୟାଳୟ ଠାରେ କୃଷକ ପରାମର୍ଶ କେନ୍ଦ୍ରର ଶୁଭ



ଉଦ୍‌ଘାଟନ କରିବା ପରେ ଖସା ପଡ଼ିଆଠାରେ 'ଆମ ଓଡ଼ିଶା ଓ ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ଯୋଗଦେଇ ନବୀନ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଉପରେ ଜନସାଧାରଣମାନଙ୍କୁ ଅବଗତ କରିଥିଲେ। ବିଜେଡି ନେତା ଶଶୀଭୂଷଣ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ବିଡିଓ ଅମୀୟ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପର୍ଯ୍ୟବେକ୍ଷକ କମଳାକାନ୍ତ ଦାଶ, ଫେଡେରେସନ ସଭାନେତ୍ରୀ ସସ୍ମିତା ମହାନ୍ତି, ସଂପାଦିକା ମମତା ବେହେରା, ସମିତସଭ୍ୟ ପ୍ରଦୀପ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ପୂର୍ବତନ ସରପଞ୍ଚ କମଳାକାନ୍ତ ପ୍ରଧାନ, ଶଶାଙ୍କ ଶେଖର ବେହେରା, ଶାରଦା ପ୍ରସାଦ ସାହୁ, ପ୍ରେମାନନ୍ଦ ଷଡଙ୍ଗୀ, କ୍ଷୀରୋଦ ବେହେରା, ଆଲୋକ ନାୟକ, ସଚ୍ଚିଦାନନ୍ଦ ସାହୁ, ପ୍ରକାଶ ବେହେରା, ବିନୋଦ ଷଡଙ୍ଗୀ, କ୍ଷୀରୋଦ ବେହେରା, ଶଶୀଭୂଷଣ ଷଡଙ୍ଗୀ, ପ୍ରହ୍ଲାଦ ପ୍ରଧାନ, ଶକୁନ୍ତଳା ବିଶ୍ୱାଳ, କାଞ୍ଚନ ସେଠୀ, ସବିତା ପତି, ସଂଯୁକ୍ତା ବେହେରା, ସନ୍ଧ୍ୟାରାଣୀ ନାୟକ, ଶୁଭଲକ୍ଷ୍ମୀ ବଳ, ବିପ୍ରଚରଣ ରାଉତ, ଜନ୍ମେଜୟ ପ୍ରଧାନଙ୍କ ସମେତ ବହୁ ବିଜେଡି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସେହିପରି ବିଧାୟକ ଶ୍ରୀ ଜେନା ନାହାଙ୍ଗ ପଞ୍ଚାୟତ ଗସ୍ତ କରି ନାହାଙ୍ଗ ସାଧନା କେନ୍ଦ୍ର କାର୍ଯ୍ୟାଳୟର ନବୀକରଣ କାର୍ଯ୍ୟର ଶୁଭ ଉଦ୍‌ଘାଟନ, ମା ମଙ୍ଗଳା ମନ୍ଦିରଠାରୁ ପନ୍ଦରବାଟିଆ ଭାୟା ମା ବନଦୁର୍ଗା ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଶୁଭ ଶିଳାନ୍ୟାସ କରିବା ପରେ ତାଳପୋଖରୀ ଠାରେ ଆମ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଗୌତମ ଜେନାଙ୍କ ଅଧ୍ୟକ୍ଷତାରେ ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ବିଡିଓ ଅମୀୟ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, କମଳାକାନ୍ତ ଦାଶ, ସରପଞ୍ଚ ମନୋରମା ମହାନ୍ତି, ସମିତିସଭ୍ୟ ଦିଲୀପ ସାମଲ, ସରପଞ୍ଚଙ୍କ ପ୍ରତିନିଧି ଦେବରଞ୍ଜନ ମହାନ୍ତି, ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ମହାନ୍ତି, ଫେଡେରେସନ ସଭାନେତ୍ରୀ ସସ୍ମିତା ମହାନ୍ତି, ସଂପାଦିକା ମମତା ବେହେରା, ଜଳଧର ନାୟକ, ଶରତ ସେଠୀଙ୍କ ସମେତ ବହୁ ବିଜେଡି କର୍ମକର୍ତ୍ତା ଓ ବ୍ଲକର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ● କଳମିଶ୍ରି ପଞ୍ଚାୟତ

**ନିଶ୍ଚିନ୍ତକୋଇଲି :** କଳମିଶ୍ରି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଅନନ୍ତ କରଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା ଯୋଗଦେଇ




ରାଜ୍ୟରେ ସାଢେ ଚାରି କୋଟି ଲୋକଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ପରିବାର ସଦସ୍ୟ ଭାବି ଯେଉଁ ସେବାମୂଳକ କାର୍ଯ୍ୟ କରି ଚାଲିଛନ୍ତି ସେ ନେଇ ଜନସାଧାରଣମାନେ ଚିନ୍ତା କରି ପ୍ରତିଦାନ ସ୍ୱରୂପ ବିଜେଡ଼ିକୁ ଆର୍ଶୀବାଦ ଦେବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ବିଡିଓ ଧର୍ମରଞ୍ଜନ ପଣ୍ଡା, ସମ୍ମାନୀତ ଅତିଥି ଭାବେ ବିଜେଡି ବ୍ଲକ କାର୍ଯ୍ୟକାରୀ ସଭାପତି ପ୍ରମୋଦ ନାୟକ, ବିଚିତ୍ରାନନ୍ଦ ବରାଳ, ସମିତିସଭ୍ୟା ସୌଦାମିନୀ ବିଶ୍ୱାଳ, ବିଶ୍ୱଜିତ୍ ପରିଡ଼ା, ନାଏବ ସରପଞ୍ଚ ସୁଜାତା ଧଳ, ଅନନ୍ତକିଶୋର ପଣ୍ଡା, ଘନଶ୍ୟାମ ଦାସ, କନିଷ୍ଠ ଯନ୍ତ୍ରୀ ବିଜୟ ସେଠୀ, ପିଇଓ ଦିଲ୍ଲୀପ ମହନ୍ତ ପ୍ରମୁଖ ଯୋଗଦେଇଥିଲେ।

## ● ମାଗୁରା ଧାନମଣ୍ଡଳ ପଞ୍ଚାୟତ

**ଟାଙ୍ଗୀ :** ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ଓ ଯୋଜନା ସଂକ୍ରାନ୍ତରେ ସଚେତନତା ସୃଷ୍ଟି ନିମନ୍ତେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ତଥା ସାଲେପୁର ନିର୍ବାଚନ



ମଣ୍ଡଳୀ ମାଗୁରା ଧାନମଣ୍ଡଳ ପଞ୍ଚାୟତ ପକ୍ଷରୁ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଯୁବ ସଂଗଠକ ସାଗର କରଙ୍କ ପୌରୋହିତ୍ୟରେ ତଥା ସ୍ଥାନୀୟ ଶନିତୋଟା ପରିସରରେ ଆୟୋଜିତ ଶିବିରରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ସଭ୍ୟା ଜୟଶ୍ରୀ ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନାକ୍ଷୀ ଦାସ, ସ୍ଥାନୀୟ ସରପଞ୍ଚ ରଶ୍ମିରଞ୍ଜନ ରାଉତ, ସମିତିସଭ୍ୟା ଭାରତୀ ହାତି, ଆମ୍ବ ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ଯୁବ ସଂଗଠକ ଜନ୍ମେଜୟ ଖିଲାର, ଗୋବିନ୍ଦ ଦାସ, ପ୍ରବୀର ଦାଶ, ଭଟ୍ଟିମୁଣ୍ଡା ସରପଞ୍ଚ ତାପସ୍ୱି ସାହୁ, ସଫା ସରପଞ୍ଚ ନିବାସ ପାଣ୍ଡବ, ଏମବିକେ ଅନ୍ନପୂର୍ଣ୍ଣା ସାହୁ, ମିଶନ ଶକ୍ତି ସଭାପତି ଖୁଲଣା ସାମଲ, ସମ୍ପାଦିକା ସାଗରିକା ଦାସ ଓ ପଞ୍ଚାୟତ ସଭାପତି ନକୁଳ ରାଉତ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର ଜେଠୀ ମଞ୍ଚ ପରିଚାଳନା କରିଥିବାବେଳେ ସରକାରୀ ଯୋଜନା ସଂକ୍ରାନ୍ତରେ ଏବିଡିଓ ଶାଶ୍ୱତ କୁମାର ଜେନା ଆଲୋକପାତ କରିଥିଲେ। ପଞ୍ଚାୟତର ସହସ୍ରାଧିକ ଦଳୀୟ କର୍ମୀ, ମିଶନ ଶକ୍ତି ମହିଳା, ଅଙ୍ଗନବାଡ଼ି ଓ ଆଶା କର୍ମୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଦୟାନିଧି ସାହୁ ସହଯୋଗ କରିଥିବାବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଦାମ ଚରଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଧାନଶିକ୍ଷକଙ୍କ ବିୟୋଗରେ ଶୋକ

**ବାଙ୍କୀ, ୨।୨(ସମିସ):** ବାଙ୍କୀ ବ୍ଲକ ଶିକ୍ଷାବିଭାଗ ଅଧୀନ ସୁବର୍ଣ୍ଣପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ପଣ୍ଡାଙ୍କ ଗତକାଲି ରାତିରେ ହୃଦଘାତରେ ମୃତ୍ୟୁ ଘଟିଛି। ଏଭଳି ଦୁଃଖଦ ଘଟଣା ପ୍ରକାଶ ପାଇବା ପରେ ଶିକ୍ଷା ବିଭାଗ ଏବଂ ଅଞ୍ଚଳରେ ଶୋକର



ଛାୟା ଖେଳିଯାଇଥିଲା। ଏହି ପରିପ୍ରେକ୍ଷୀରେ ଆଜି ସୁବର୍ଣ୍ଣପୁର ପ୍ରାଥମିକ ବିଦ୍ୟାଳୟରେ ଏକ ଶୋକସଭାର ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ପରିଚାଳନା କମିଟି ସଭାପତି କିଶୋର ଚନ୍ଦ୍ର ଦଳେଇ, ସିଆରସିସି ଚକାନୟନ ପ୍ରଧାନ, ପ୍ରଦୀପ ସିଠ, ଶିକ୍ଷକ ସୁରେଶ ପାତ୍ର, ଅରୁଣ ଉଦୟ ବେହେରା, ଚିତ୍ତରଞ୍ଜନ ମନ୍ତ୍ରୀ, ସ୍ୱାଗତିକା ଦଳେଇ, ସୁବର୍ଣ୍ଣପୁର ସରପଞ୍ଚ ପ୍ରତିନିଧି ଭ୍ରମରବର ଦଳେଇ, ପୂର୍ବତନ ସରପଞ୍ଚ ତରୁଣକାନ୍ତ ମହାପାତ୍ର, ବିଶ୍ୱରଞ୍ଜନ ପଣ୍ଡା, ସାମ୍ବାଦିକ ଶୁଭେନ୍ଦୁ ମହାପାତ୍ର, ମାନଭଞ୍ଜନ ଦଳେଇ ପ୍ରମୁଖ ଯୋଗଦେଇ ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

# ବ୍ରହ୍ମନାମ ବ୍ରହ୍ମଧୂନିର ମହାଲୀଳା ମହୋତ୍ସବ

**କଟକ, ୨।୨(ସମିସ):** ଏକାଦଶୀ ତିଥିରେ କିଶନନଗର ମହାନଦୀ କୂଳ, କେଶରୀନଗ୍ର ଉଆସରେ ଗହଣଦଳ ଷୋଳମଣ୍ଡଳ ଆନୁକୂଲ୍ୟରେ ଗହଣଦଳର ସ୍ରଷ୍ଟା ନରସିଂହ ଦେବଙ୍କ ଜନ୍ମଦିବସ ଅବସରରେ ବ୍ରହ୍ମନାମ ବ୍ରହ୍ମଧୂନୀର ମହାଲୀଳା ମହୋତ୍ସବ ଅନୁଷ୍ଠିତ ହେବ। ଆସନ୍ତା ୫ ତାରିଖ ଅପରାହ୍ଣରେ ଏକ କଳସଯାତ୍ରାରେ ମହାନଦୀରୁ ପବିତ୍ର ଜଳ ଆସି କେଶରୀନଗ୍ର ଉଆସରେ ପହଞ୍ଚିବ। ୬ତାରିଖରେ ସୂର୍ଯ୍ୟୋଦୟ ସମୟରେ ବ୍ରହ୍ମଧୂନୀ ସ୍ଥାପନ ହୋଇ ଅଖଣ୍ଡ ମହାମନ୍ତ୍ର ମହାନାମ ସଂକୀର୍ତ୍ତନ କରାଯିବ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ସଂଖ୍ୟକ ଭଗବତ୍‌ପ୍ରେମୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସାହେବଜାଦା ବଜାର ଲଣ୍ଡା ଦେଉଳଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଗହଣ ଦଳର ସଭାପତି ପ୍ରଫେସର ଡଃ ସ୍ନେହଲତା ଦାସ ସୂଚନା ଦେଇଛନ୍ତି।

● ଓଷ୍ଟାର ଆନ୍ଦୋଳନ ୭ରୁ

# ସମସ୍ତ ଜିଲ୍ଲାକୁ ନେଇ ଆଭାଷୀ ବୈଠକ

**କଟକ, ୨।୨(ସମିସ):** ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟା ନେଇ ବହୁ ସଂଖ୍ୟକ ଶିକ୍ଷକ, ଅଭିଭାବକ, ପୁରାତନ ଛାତ୍ର ଓ ପରିଚାଳନା କମିଟି ସଦସ୍ୟଙ୍କ ସହ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଆନ୍ଦୋଳନକୁ ଓହ୍ଲାଇବ। ଆଗାମୀ ଫେବୃୟାରୀ ୩ ତାରିଖରେ ଜିଲ୍ଲାସ୍ତରରେ ଏବଂ ୭ ତାରିଖରେ ରାଜଧାନୀରେ ଆନ୍ଦୋଳନ କରାଯିବ ବୋଲି ସମସ୍ତ ଜିଲ୍ଲାକୁ ନେଇ ଅନୁଷ୍ଠିତ ଆଭାଷୀ ବୈଠକ ମାଧ୍ୟମରେ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ସୂଚନା ପ୍ରଦାନ କରିଛନ୍ତି। ଏହି ଆଲୋଚନାରେ ଜିଲ୍ଲା, ବ୍ଲକ ଓ ରାଜ୍ୟ ପଦାଧିକାରୀମାନେ ସେମାନଙ୍କର ମତାମତ ପ୍ରଦାନ କରିଥିଲେ। ଅନୁଦାନରୁ ବଞ୍ଚିତ ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ସପ୍ତମ ବେତନରୁ ବଞ୍ଚିତ ୨୨୬ ଓ ୩୯୯ ବିଦ୍ୟାଳୟକୁ ସପ୍ତମ ବେତନ ପ୍ରଦାନ, ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ନୋସନାଲ୍ ଇନ୍‌କ୍ରିମେଣ୍ଟ ଦେଇ ବରିଷ୍ଠତା ପ୍ରଦାନ, ଗ୍ରେଡ଼ପେ ରେ ଥିବା ଅସଙ୍ଗତି ଦୂରୀକରଣ, ୨ଟି ପିଅନ ଓ ୩୭, ୪୬, ୬୩ ବିଦ୍ୟାଳୟଙ୍କୁ ୨୦୦୮ ପରିବର୍ତ୍ତେ ୨୦୦୪ରୁ ଆଣ୍ଟିଡେସନ ପ୍ରଦାନ, ହିନ୍ଦୀ ସଂସ୍କୃତ ଶିକ୍ଷକମାନଙ୍କର ଯୋଗ୍ୟତା ଅନୁଯାୟୀ ଉପଯୁକ୍ତ ହାରରେ ଦରମା, ୪୮ ବର୍ଷରେ ପଦାର୍ପଣ କରି କୋର୍ଟର ନିର୍ଦ୍ଦେଶ ପାଇଥିବା ହିନ୍ଦୀ ଓ ସଂସ୍କୃତ ଶିକ୍ଷକମାନଙ୍କୁ ଟିଜି ମାନ୍ୟତା ପ୍ରଦାନ, ଆଲେଜେଡ୍ ଓ ସେକ୍ସନ ଶିକ୍ଷକମାନଙ୍କୁ ରେଗୁଲାର କରିବା, ଆରଏ. ସ୍କିମ୍ର ପୁନଃ ପ୍ରଚଳନ କରିବା, ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ୬୧୦ ବିଦ୍ୟାଳୟକୁ ସରକାରୀକରଣ, ୧୧୦ ବାଳିକା ବିଦ୍ୟାଳୟକୁ ପୂର୍ଣ୍ଣ ଅନୁଦାନ, କ୍ରୀଡ଼ା ଶିକ୍ଷକମାନଙ୍କୁ ବିଏ ବିପିଏଡ଼/ ବିଏ ସିପିଏଡ଼ ଭିତ୍ତିରେ ଉଚ୍ଚତର ଦରମା ପ୍ରଦାନ, ନୂତନ ପେନସନ୍ ପରିବର୍ତ୍ତେ ପୁରାତନ ପେନସନ୍ ଲାଗୁ କରିବା, ଅବସର ବୟସ ସୀମା ୬୦ରୁ ୬୨ ବର୍ଷ ବୃଦ୍ଧି କରିବା, ଅଫିସ୍ ସହାୟକଙ୍କର ଯୋଗ୍ୟତା ଭିତ୍ତିକ ପଦୋନ୍ନତି, ଉର୍ଦ୍ଦୁ ଶିକ୍ଷକମାନଙ୍କୁ ଅନୁଦାନ ପ୍ରଦାନ, ଆରଏସିପି କ୍ଷେତ୍ରରେ ସୁପ୍ରିମ୍କୋର୍ଟଙ୍କ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା ଆଦି ଦାବି ରହିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ସଭାପତି ଅକ୍ଷୟ ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସମ୍ପାଦକ ରଞ୍ଜନ ଦାଶ, ବ୍ରଜକିଶୋର ବିଶ୍ୱାଳ, ଅଶୋକ ମହାପାତ୍ର, ଶଙ୍କର ସୁବୁଦ୍ଧି ପ୍ରମୁଖ କହିଛନ୍ତି।

# 'ପ୍ରଣାମ' ପକ୍ଷରୁ କବି ରବି ସିଂଙ୍କ ସ୍ମୃତିସନ୍ଧ୍ୟା

କଟକ, ୨।୨(ସମିସ)

ବିପ୍ଳବୀ କବି ରବି ସିଂ ତାଙ୍କ କୃତି ସମୂହ ପାଇଁ ଚିର ଅମର ରହିବେ। ସେ ଆଗାମୀ ପିଢ଼ିର ପ୍ରେରଣାର ଉତ୍ସ। କବିଙ୍କ ଚତୁର୍ଥ ଶ୍ରାଦ୍ଧ ଦିବସ ଅବସରରେ 'ପ୍ରଣାମ' ପକ୍ଷରୁ ଆୟୋଜିତ କବି ରବି ସିଂ ସ୍ମୃତିସନ୍ଧ୍ୟାରେ ଉପରୋକ୍ତ ମତ ପ୍ରକାଶ ପାଇଛି। ଶୁକ୍ରବାର ସନ୍ଧ୍ୟାରେ କାଳୀ ଭବନରେ ଅନୁଷ୍ଠାନର ଆବାହକ ରାଜୀବ କୁମାର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାକୁ ବିଶିଷ୍ଟ ପ୍ରାବନ୍ଧିକ ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏଥିରେ ବିଶିଷ୍ଟ ସାହିତ୍ୟିକ ରଘୁନାଥ




ମହାପାତ୍ର ମୁଖ୍ୟବକ୍ତା, ଉତ୍କଳ ସାହିତ୍ୟ କଳା ପରିଷଦର ସାଧାରଣ ସଂପାଦକ ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ ବରେଣ୍ୟ ଅତିଥି, ଉତ୍କଳ ସାହିତ୍ୟ ସମାଜର ପାଠାଗାର ସଂପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ ଓ ରବି ସିଂଙ୍କ କନ୍ୟା ମନୀଷା ସିଂ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ କବି ରବି ସିଂଙ୍କ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଡ. ଅଭୟ ରାଉତ, ମନୋରଞ୍ଜନ ପଣ୍ଡା, ସଚ୍ଚିଦାନନ୍ଦ କର, ପୂର୍ଣ୍ଣେନ୍ଦୁ ସ୍ୱାଇଁ, ଅଜିତ ମହାପାତ୍ର, କମଳାକାନ୍ତ ଦାଶ, ରଞ୍ଜନ ସାହୁ, କାଶୀନାଥ ସ୍ୱାଇଁ ପ୍ରମୁଖ କବିଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ କବି ସୁନୀ ଦାଶ, ବିନ୍ଦୁ ସାଗର ଓଝା, ତପନ ସ୍ୱାଇଁ, ଡ. ବସନ୍ତ ନନ୍ଦ, ଶରତ ମହାନ୍ତି, ଚୈତନ୍ୟ ରାଉତ, ଗୀତାଞ୍ଜଳି ପୃଷ୍ଟି ଓ ଦୀପ୍ତି ରଞ୍ଜନ ପଣ୍ଡା ରବି ସିଂଙ୍କ କବିତା ଆବୃତ୍ତି କରିଥିଲେ। ସୁରେନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଡ୍ରିମ୍‌ସ ସ୍କୁଲ ଅଫ୍ ଫାର୍ମାସୀର କ୍ରୀଡ଼ା ଉତ୍ସବ

**କଟକ,୨।୨(ସମିସ):** ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ସ୍କୁଲ ଅଫ ଫାର୍ମାସୀର ପ୍ରଥମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରସ୍କାର ବିତରଣ ଉତ୍ସବରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ କହିଲେ, ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଫାର୍ମାସୀ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ। ଏହି ବିଭାଗରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ନିଜର ଦକ୍ଷତା ପ୍ରତିପାଦନ ସହ ପିତାମାତାଙ୍କ ସ୍ୱପ୍ନକୁ ସାକାର କରିବା ଲାଗି କଠିନ ପରିଶ୍ରମ କରିବାକୁ ସେ ଦିଗଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ରେଜିଷ୍ଟ୍ରାର ଭକ୍ତ ଚରଣ ପ୍ରଧାନ, ଉପଦେଷ୍ଟା ପ୍ରଫେସର ଡ. ସୁଶାନ୍ତ ଦାସ, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର ପ୍ରମୁଖ ପାଠ ସହିତ ଶାରୀରିକ ଦକ୍ଷତା ବୃଦ୍ଧି ଲାଗି ଖେଳକୁଦର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଅମୂଲ୍ୟକୃଷ୍ଣ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅଧ୍ୟାପକ ଶାରଦାକାନ୍ତ ସାହୁ, ଅଧ୍ୟାପକ ଚନ୍ଦ୍ର ଶେଖର ବାରିକ, ସତ୍ୟରଞ୍ଜନ ମୁଦୁଲିଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ।



